## ସଂକ୍ଷେପରେ

### ଆକ୍ରମଣ ଅଭିଯୁକ୍ତ ଗିରଫ

ଛେଣ୍ଡିପଦା,୧୯।୮ (ଅଜିତ ଧଳ)

କାଠ ଫାଳିଆରେ ଅପାଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଜରପଡା ଗ୍ରାମର ମନୋଜ ବେହେରାଙ୍କୁ ଶନିବାର ଜରପଡ଼ା ପୋଲିସ ଗିରଫ କରିଛି। ପୋଲିସ କହିଛି, ଜରପଡା ଗ୍ରାମର ଲଳିତା ବେହେରା (୬୦) ଶୁକ୍ରବାର ରାତିରେ ଶୋଇଥିବାବେଳେ ଭୋର୍ ୪ଟାରେ ତାଙ୍କ ପୁତୁରା ମନୋଜ ବେହେରା ପହଞ୍ଚି ଗାଳିଗୁଲଜ କରିଥିଲେ। ଲଳିତା ବାରଣ କରିବାରୁ ମନୋଜ ଉତ୍ତକ୍ଷିପ୍ତ ହୋଇ ଏକ କାଠ ଫାଳିଆରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜରପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏ ନେଇ ଲଳିତା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୬୦/୨୩ରେ ଏକ ମାମଲା ରୁଜୁ କରି ମନୋଜଙ୍କୁ ଗିରଫ କରିଛି।

### ଶାଗୁଆନ ଗଛ କାଟିଦେଲେ

ଛେଣ୍ଡିପଦା,୧୯।୮ (ଅଜିତ ଧଳ)

ଅନୁଗୋଳ ଜିଲା ଜରପଡା ଥାନା ଜେରଙ୍ଗ ଦେହୁରୀ ସାହିର ନାରାୟଣ ସାହୁଙ୍କ ଜମି ହୁଡାରେ ଥିବା ଶାଗୁଆନ ଗଛ କଟାଯିବ ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ନାରାୟଣ ଡାକ୍ତରଖାନା ଯାଇଥିବାବେଳେ ସେହି ଗ୍ରାମର ବିଭୂତି ନାଏକ, ପ୍ରଶାନ୍ତ ନାଏକ, ଗଗନ ନାଏକ, କପୁ ନାଏକଙ୍କ ସମେତ ସାହିର କେତେଜଣ ଲୋକ ଉକ୍ତ ଶାଗୁଆନ ଗଛକୁ କାଟି ଦେଇଥିଲେ। ନାରାୟଣଙ୍କ ସ୍ତ୍ରୀ ସରସ୍ୱତୀ ଏହାର ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପୋଲିସ ନଂ.୨୫୮/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଦୁର୍ବଳ ଭିତ୍ତିଭୂମି ଯୋଗୁ ଦୟନୀୟ

**ବର୍ଷ କେଇଟା ପରେ ଆଠମଲ୍ଲିକ କଲେଜ ସ୍ଥାପନକୁ ପୂରିବ ୫୦ ବର୍ଷ। ଧୁମ୍‌ଧାମରେ ପାଳନ ହେବ ସୁବର୍ଣ୍ଣଜୟନ୍ତୀ। ହେଲେ ଏହି ଦୀର୍ଘବର୍ଷ ମଧ୍ୟରେ ସମାଧାନ ହୋଇପାରିନି ଶିକ୍ଷାନୁଷ୍ଠାନର ସମସ୍ୟା। ଆବଶ୍ୟକ ଶ୍ରେଣୀଗୃହ ଅଭାବରୁ ହଷ୍ଟେଲ କୋଠାରେ ଚାଲିଛି ଯୁକ୍ତ ୩ ଅନର୍ସ କ୍ଲାସ। ସହସ୍ରାଧିକ ଛାତ୍ରୀଛାତ୍ରଙ୍କ ପାଇଁ କରାଯାଇପାରିନି ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା। ଅଧ୍ୟାପକଙ୍କ ଠାରୁ ଗ୍ରନ୍ଥାଗାରିକଙ୍କ ଯାଏ ଅନେକ ପଦବୀ ଖାଲି ପଡ଼ିଥିବାବେଳେ ଦୂର ଦୂରାନ୍ତରୁ ଆସୁଥିବା ଶିକ୍ଷାର୍ଥୀଙ୍କ ପାଇଁ ନାହିଁ ଉପଯୁକ୍ତ ବିଶ୍ରାମାଗାର। ଏପରି ଦୁର୍ବଳ ଭିତ୍ତିଭୂମି ଯୋଗୁ କଲେଜରେ ଦେଖାଦେଇଛି ଦୟନୀୟ ପରିସ୍ଥିତି।**




ଆଠମଲ୍ଲିକ,୧୯।୮ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ କଲେଜ ପ୍ରତିଷ୍ଠାତା ସଭ୍ୟ ତଥା କଲେଜର ପ୍ରଥମ ଅଧ୍ୟକ୍ଷ ରାମକୃଷ୍ଣ ମିଶ୍ରଙ୍କ କହିବା ଅନୁଯାୟୀ, ରାଜା ପ୍ରଦୀପ ଚନ୍ଦ୍ର ଦେଓ, ଡ. ବ୍ରଜମୋହନ ପାଣିଗ୍ରାହୀ, ତତ୍କାଳୀନ ବିଧାୟକ ବାଳକୃଷ୍ଣ ପଟ୍ଟନାୟକଙ୍କ ସମେତ ଅଞ୍ଚଳର କେତେଜଣ ସୁଯୋଗ୍ୟ ସନ୍ତାନ ଏକତ୍ର ହୋଇ ଆଠମଲ୍ଲିକ କଲେଜ ପ୍ରତିଷ୍ଠାର ପରିକଳ୍ପନା କରିଥିଲେ। କଲେଜ ଗଠନ ନେଇ ହୋଇଥିବା କମିଟିର ସଭାପତି ଭାବେ ତତ୍କାଳୀନ ଉପଜିଲାପାଳ ପର୍ଶୁରାମ କର ଓ ସମ୍ପାଦକ ଭାବେ ରାଜା ଦେଓଙ୍କୁ ଚୟନ କରାଯାଇଥିଲା। ଅବିଭକ୍ତ ଢେଙ୍କାନାଳ ଜିଲାର ତତ୍କାଳୀନ ଜିଲାପାଳ ସରିତା ଜୟନ୍ତ ଦାସଙ୍କ ସହଯୋଗରେ ଉକ୍ତ ପରିକଳ୍ପନା ବାସ୍ତବ ରୂପ ନେଇପାରିଥିଲା। ୧୯୭୮ ମସିହାରେ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟରେ କଲେଜର ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହୋଇଥିଲା। ତେବେ କଲେଜର ନିଜସ୍ୱ ଗୃହ ନ ଥିବାରୁ ସହରର ହରିବନ୍ଧୁ ହୋତା ଏ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ନିଜସ୍ୱ କୋଠା ନିର୍ମାଣ ପାଇଁ ସେ ୭୦ ହଜାରରୁ ଅଧିକ ଟଙ୍କା ଦାନ କରିଥିଲେ। ଏଥିସହ ଦାନ ସୂତ୍ରରେ ମିଳିଥିବା ଆଉ କିଛି ଅର୍ଥକୁ ମିଶାଇ ୧୯୭୯ରେ ହରିବନ୍ଧୁ ଛାତ୍ରାବାସ ନିର୍ମାଣ କରାଯାଇଥିଲା। ସେହି ଛାତ୍ରାବାସରେ ହିଁ ଯୁକ୍ତ ୨ ଓ ଯୁକ୍ତ ୩ ପାଠପଢ଼ା ଆରମ୍ଭ ହୋଇଥିଲା। ହେଲେ ଧୀରେ ଧୀରେ ହରିବନ୍ଧୁ ଛାତ୍ରାବାସ ଭିତ୍ତିଭୂମି ଦୁର୍ବଳ ହୋଇପଡ଼ିବାରୁ ୧୯୯୪ରେ ନୂତନ ଛାତ୍ରାବାସକୁ +୩ କଳା ଅନର୍ସର ଛାତ୍ରୀଛାତ୍ରଙ୍କୁ ପଠାଯାଇ ସେଠାରେ ଶିକ୍ଷାଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଯୁକ୍ତ ୩ ବିଜ୍ଞାନ ପିଲାଙ୍କୁ ମଧ୍ୟ ସେଠାରେ ଶିକ୍ଷାଦାନ କରାଯାଉଛି। ତେଣୁ ଦୀର୍ଘ ୫୦ ବର୍ଷ ପୂରଣ ହେବାକୁ ବସିଥିବା ଏହି କଲେଜରେ ଯୁକ୍ତ ୩ କଳା ଅନର୍ସ ଓ ବିଜ୍ଞାନ ପିଲାଙ୍କ ପାଇଁ ଆବଶ୍ୟକ କୋଠା ନିର୍ମାଣ କରାଯାଇ ନାହିଁ। କେବଳ ଏହି ଗୋଟିଏ ସମସ୍ୟା ନୁହେଁ, କଲେଜରେ ବିଶୁଦ୍ଧ ପାଇପ୍ ପାଣିର ସୁବିଧା କରାଯାଇ ନାହିଁ। ଅଫିସ କାର୍ଯ୍ୟ ତୁଲାଇବା ପାଇଁ ୪ ଜଣ ଅଣଶିକ୍ଷକ କର୍ମଚାରୀଙ୍କ ଆବଶ୍ୟକତା ଥିଲାବେଳେ ମାତ୍ର ଜଣେ କର୍ମଚାରୀ ଦାୟିତ୍ୱ ତୁଲାଉଛନ୍ତି। ୬ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସ୍ଥାନରେ ୨ ଜଣ ଅଛନ୍ତି। ଇତିହାସ, ଅର୍ଥନୀତି, ଉଦ୍ଭିଦ ବିଜ୍ଞାନ, ତର୍କ ଶାସ୍ତ୍ର, ରାଜନୀତି ବିଜ୍ଞାନ ଓ ଓଡ଼ିଆ ବିଭାଗରେ ଗୋଟିଏ ଲେଖାଏ ଅଧ୍ୟାପକ ପଦବୀ ଖାଲି ରହିଛି। ଗ୍ରନ୍ଥାଗାରିକ ଓ ସହାୟକ ପଦବୀ ଫାଙ୍କା ପଡ଼ିଛି। କଲେଜ ପ୍ରବେଶ ଦ୍ୱାର ନିକଟରେ ଥିବା ବିଶ୍ରାମାଗାର ବିପଦସଙ୍କୁଳ ଅବସ୍ଥାରେ ଥିବା ସତ୍ତ୍ୱେ ସେଥିପ୍ରତି ଦୃଷ୍ଟି ଦିଆଯାଉ ନାହିଁ। ବାରମ୍ବାର ଦାବି ହେଉଥିଲେ ମଧ୍ୟ ରାଜ୍ୟ ସରକାର ଆଠମଲ୍ଲିକ କଲେଜର ଭିତ୍ତିଭୂମି ସୁଦୃଢ଼ ଦିଗରେ ଦୃଷ୍ଟି ଦେଉ ନ ଥିବାରୁ ଶିକ୍ଷାବିତ୍‌ଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

- **ହଷ୍ଟେଲ କୋଠାରେ ଚାଲିଛି ଯୁକ୍ତ ୩ ଅନର୍ସ କ୍ଲାସ୍**
- **ଆବଶ୍ୟକ ଶ୍ରେଣୀଗୃହ ନିର୍ମାଣ ଦିଗରେ ସରକାର ଉଦାସୀନ**
- **ଆଠମଲ୍ଲିକର ଶିକ୍ଷାବିତ୍‌ଙ୍କ ମଧ୍ୟରେ ଅସନ୍ତୋଷ**

### ନୂତନ କୋଠା ନିର୍ମାଣ ଜରୁରୀ



ଆଠମଲ୍ଲିକ କଲେଜ ପରିସରରେ ନୂତନ କୋଠା ନିର୍ମାଣର ଆବଶ୍ୟକତା ରହିଛି। ବିଶେଷକରି ଯୁକ୍ତ ୩ କଳା ଅନର୍ସ ଓ ବିଜ୍ଞାନ ବିଭାଗର ପିଲାଙ୍କ ପାଇଁ ଶ୍ରେଣୀଗୃହ ନିର୍ମାଣ ଜରୁରୀ ହୋଇପଡ଼ିଛି। ପାଇପ୍ ପାଣିର ବ୍ୟବସ୍ଥା ମଧ୍ୟ ହେବା ଦରକାର।

**-ଲକ୍ଷ୍ମୀକାନ୍ତ ମେହେର, କଲେଜ ଅଧ୍ୟକ୍ଷ**

### ନୂତନ ବିଶ୍ରାମାଗାର ଆବଶ୍ୟକ



ଛାତ୍ରୀଛାତ୍ରଙ୍କ ପାଇଁ ନିର୍ମାଣ ହୋଇଥିବା ବିଶ୍ରାମାଗାର ବିପଦସଙ୍କୁଳ ଅବସ୍ଥାରେ ରହିଛି। ତେଣୁ ତାହାକୁ ଭଙ୍ଗାଯାଇ ନୂଆ ନିର୍ମାଣ କରାଗଲେ ଦୂରଦୂରାନ୍ତରୁ ଆସୁଥିବା ଛାତ୍ରୀଛାତ୍ରମାନେ ବସ୍‌କୁ ଅପେକ୍ଷା କରିବାରେ ଅସୁବିଧାର ସମ୍ମୁଖୀନ ହେବେ ନାହିଁ।

**-ଦୀନେଶ କୁମାର ସିଂ, ପୁରାତନ ଛାତ୍ର ସଂସଦ ସଭାପତି**

### ତୁରନ୍ତ ପଦକ୍ଷେପ ନିଆଯାଉ



ଆଠମଲ୍ଲିକ ମହାବିଦ୍ୟାଳୟକୁ ଦୈନିକ ହଜାରେରୁ ଅଧିକ ଛାତ୍ରୀଛାତ୍ର ଆସୁଛନ୍ତି। ସେମାନଙ୍କ ପାଇଁ ବିଶୁଦ୍ଧ ପିଇବା ପାଣି ଓ ବିଶ୍ରାମାଗାର ବ୍ୟବସ୍ଥା ଅତ୍ୟନ୍ତ ଜରୁରୀ। ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବା ଦରକାର।

**-ଅଂଶିକା ମିଶ୍ର, ଯୁକ୍ତ ୩ ଛାତ୍ରୀ**

### ସମାଧାନ ବ୍ୟବସ୍ଥା କରାଯିବ



ଅଳ୍ପଦିନ ହେଲା କାର୍ଯ୍ୟରେ ଯୋଗଦେଇଛି। ତେଣୁ ଆଠମଲ୍ଲିକ କଲେଜର ସମସ୍ୟା ନେଇ ବିଶେଷ କିଛି ଜାଣିନାହିଁ। ପରିଦର୍ଶନରେ ଯାଇ ଅଭାବ ଅସୁବିଧା ବୁଝିବା ପରେ ପର୍ଯ୍ୟାୟକ୍ରମେ ସମାଧାନ କରାଯିବାର ବ୍ୟବସ୍ଥା ହେବ।

**-ଜିତେନ୍ଦ୍ର କୁମାର ପାତ୍ର, ଉପଜିଲାପାଳ, ଆଠମଲ୍ଲିକ**

# ନବୀନଙ୍କ ହାତମୁଠାକୁ ଟାଣ କର



ମିଶ୍ରଣ ପର୍ବ ଅବସରରେ ବିଜେଡି ନେତାଙ୍କ ସହ ଅନ୍ୟମାନେ।

ବଇଣ୍ଡା,୧୯।୮ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ତୁରୁଡ଼ା ଗ୍ରାମରେ ଶନିବାର ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଜେଡି ନେତା ନଳିନୀକାନ୍ତ ପ୍ରଧାନ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ହିମିତିରା ପଞ୍ଚାୟତର ଅଜିତ ସାହୁ, ସରୋଜ ଦେହୁରୀ, କ୍ଷେତ୍ରବାସୀ ପ୍ରଧାନ, ସୁଶାନ୍ତ ରାଉଳ, ଗୋବିନ୍ଦ ପ୍ରସାଦ, ପଞ୍ଚାଳୀ ବାଘ, ଜୟନ୍ତୀ ବାଘ, କ୍ରିଷ୍ଣାରାଣୀ ସାହୁଙ୍କ ସମେତ ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ବିଜେଡି ନେତା ପ୍ରଧାନ ସେମାନଙ୍କୁ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ବିଜେଡି ନେତା ସନ୍ତୋଷ ପ୍ରଧାନ, ଜିତେନ୍ଦ୍ର ସାହୁ, ଆରୁଣୀ ଆଚାର୍ଯ୍ୟ, ସଞ୍ଜିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା ପିଚୁ ହେଉ ନ ଥିବାରୁ ଅସନ୍ତୋଷ

ବଇଣ୍ଡା,୧୯।୮ (ପରିକ୍ଷିତ ସାହୁ)

**ଜିଲାପାଳଙ୍କ ନିକଟରେ ଗ୍ରାମବାସୀ କଲେ ଅଭିଯୋଗ**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ ଶିକ୍ଷକପଡା ଅଞ୍ଚଳକୁ ଯାଇଥିବା ମାଟି ରାସ୍ତା ଶୋଚନୀୟ ହୋଇପଡିଛି। ଅସରାଏ ବର୍ଷା ହେଲେ ଏହା କାଦୁଅପୂର୍ଣ୍ଣ ହୋଇପଡୁଥିବାରୁ ଯାତାୟାତ ବାଧାପ୍ରାପ୍ତ ହେଉଛି। ଏ ନେଇ ଶନିବାର ଶିକ୍ଷକପଡ଼ା ଗ୍ରାମବାସୀ ଅନୁଗୋଳ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଗ୍ରାମବାସୀ ଉଲ୍ଲେଖ କରିଛନ୍ତି, ଆଠମଲ୍ଲିକ ରେଲୱେ ଓଭରବ୍ରିଜ୍‌ଠାରୁ ଏହି ରାସ୍ତା ସାନଗୋବିନ୍ଦପୁର ପର୍ଯ୍ୟନ୍ତ ନିର୍ମାଣ ହୋଇଛି। ହେଲେ ରାସ୍ତାର ପ୍ରଥମ ଭାଗରୁ ୫୦୦ ମିଟର ପର୍ଯ୍ୟନ୍ତ ରେଳ ବିଭାଗ ଅଧୀନରେ ଥିବା ଯୋଗୁ ପିଚୁ କାମ କରାଯାଉନାହିଁ। ଫଳରେ ବର୍ଷ ବର୍ଷ ଧରି ଉକ୍ତ ମାଟି ରାସ୍ତାରେ ଯାତାୟାତରେ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବୁଧବାର ପଞ୍ଚାୟତ ପକ୍ଷରୁ ଉକ୍ତ ରାସ୍ତାର କିଛି ଅଂଶରେ ମାଟି ପକାଇ ସମତଳ କରାଯାଇଥିଲା। ହେଲେ ବର୍ଷା ପରେ ରାସ୍ତା କାଦୁଅରେ ଭରିଯାଇଥିବାରୁ ଶୁକ୍ରବାର ଗମନାଗମନ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଏକ ଚାରିଚକିଆ ଗାଡ଼ି କାଦୁଅରେ ଅଟକି ଯାଇଥିବା ବେଳେ ୨ ବାଇକ୍ ଆରୋହୀ ଖସିପଡ଼ି ଆହତ ହୋଇଥିଲେ। ଏହି ରାସ୍ତା ଉପରେ ଦାଦରସାହି, ସାନଗୋବିନ୍ଦପୁର, ବଡହୁଲା, ପାର୍ବତୀପୁର, ଶିକ୍ଷକପଡା ଗ୍ରାମର ଲୋକେ ନିର୍ଭର କରିଥାନ୍ତି। କିନ୍ତୁ ଉନ୍ନତୀକରଣ କରାଯାଉ ନ ଥିବାରୁ ଲୋକେ ସମ୍ପୃକ୍ତ ଗ୍ରାମବାସୀ ହଇରାଣ ହେଉଛନ୍ତି। ଉକ୍ତ ମୁଖ୍ୟ ରାସ୍ତାକୁ ପିଚୁ କରିବା ପାଇଁ ବହୁବାର ରେଳ ବିଭାଗକୁ ଅଭିଯୋଗ କରାଗଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ସରପଞ୍ଚ ଦୀପ୍ତିମୟୀ ସାହୁ କହିଛନ୍ତି, ପଞ୍ଚାୟତ ପକ୍ଷରୁ ରାସ୍ତା ମରାମତି କରାଯାଉଛି। ପିଚୁ ରାସ୍ତା ନିର୍ମାଣ ପାଇଁ ପଞ୍ଚାୟତ ପକ୍ଷରୁ ପ୍ରଶାସନକୁ ଅବଗତ କରାଯାଇଛି।



କାଦୁଅପୂର୍ଣ୍ଣ ହୋଇପଡ଼ିଥିବା ମାଟି ରାସ୍ତା।

# ଜାଲ୍ କାଗଜପତ୍ରରେ ଜମି ବିକ୍ରି ଅଭିଯୋଗ

ଅନୁଗୋଳ ୧୯।୮ (ଅମିତ କୁମାର ସାମଲ)

**ଥାନାରେ ଅଭିଯୋଗ କଲେ ତହସିଲଦାର**

ଅନୁଗୋଳ ତହସିଲ କାର୍ଯ୍ୟାଳୟରେ କାଗଜପତ୍ର ଜାଲିଆତି କରାଯାଇ ସାଢ଼େ ୩ ଗୁଣ୍ଠ ଜମି ବିକ୍ରି କରାଯାଇଛି। ଏ ନେଇ ତହସିଲଦାର ଶାଶ୍ୱତ ରଞ୍ଜନ ଦାସ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ନଂ. ୩୬୯/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଅଭିଯୋଗରେ ଦର୍ଶାଯାଇଛି, ଖଲାରୀ ଅଞ୍ଚଳର ସ୍ୱର୍ଗତ ରାମଚନ୍ଦ୍ର ମିଶ୍ରଙ୍କ ପୁଅ ରବୀନ୍ଦ୍ରନାଥ ମିଶ୍ର ଚଞ୍ଚକତା କରି ସାଢ଼େ ୩ ଗୁଣ୍ଠ ଜମି ବିକ୍ରି କରିଛନ୍ତି। ତାଙ୍କର ୨ ଭଉଣୀ ଓ ଭାଇ ରହିଥିବାବେଳେ ସେ ତହସିଲ କାର୍ଯ୍ୟାଳୟରେ କାଗଜପତ୍ର ଜାଲିଆତି କରି ଏହି ଜମି ବିକ୍ରି କରିଦେଇଛନ୍ତି। ଲିଗାଲ ହେୟାର ଦସ୍ତାବିଜ୍ ଯାଞ୍ଚ ସମୟରେ ଘଟଣା ପଦାକୁ ଆସିଥିଲା। ଲିଗାଲ ହେୟାର ବାହାର କରିବାକୁ ରବୀନ୍ଦ୍ରନାଥ ସଦର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିବାବେଳେ ଜାଲ୍ ପ୍ରମାଣପତ୍ର କେଉଁଠୁ ପାଇଲେ ତାହାକୁ ନେଇ ତହସିଲଦାର ଚକିତ ହେବା ସହ ଚିଠି ନଂ. ୪୩୪୮/୧୭।୮।୨୦୨୩ରେ ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଅନୁଗୋଳ ପୋଲିସ ଖୋଳତାଡ଼ ଆରମ୍ଭ କରିଛି। ଥାନା ପକ୍ଷରୁ କୁହାଯାଇଛି, ଗୋଟିଏ ପ୍ଲଟକୁ ୩ ଭାଗରେ ବଣ୍ଟାଯାଇଛି। ଆଉ ୩ ଜଣଙ୍କୁ ପ୍ରାୟ ୪୦ ଲକ୍ଷ ଟଙ୍କାରେ ଗତ ଜୁଲାଇରେ ଏହି ଜମି ବିକ୍ରି କରାଯାଇଛି। ତହସିଲଦାର ମିଶ୍ର କହିଛନ୍ତି, ଜାଲ୍ ପ୍ରମାଣପତ୍ର ବଳରେ ରବୀନ୍ଦ୍ରନାଥ ଏହି ଚଞ୍ଚକତା କରିଥିଲେ। ଏହା ଜଣାପଡ଼ିବା ପରେ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଅଧିକାରୀଙ୍କ ଯୋଗଦାନ

ମାଧପୁର,୧୯।୮ (ମନୋଜ ପ୍ରଧାନ)

ଆଠମଲ୍ଲିକ ବ୍ଲକ ମାଧପୁର ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରର ନୂତନ ଅଧିକାରୀ ଭାବେ ଡା. ଯତୀନ୍ଦ୍ର ପ୍ରସାଦ ହୋତା ଯୋଗ ଦେଇଛନ୍ତି। ଏଥିପୂର୍ବରୁ ଡା. ହୋତା ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ତ୍ରୀ ରୋଗ ବିଶେଷଜ୍ଞ ଭାବେ କାର୍ଯ୍ୟ କରୁଥିଲେ। ସୂଚନାଯୋଗ୍ୟ, ଦୀର୍ଘଦିନ ଧରି ମାଧପୁର ଗାଷ୍ଠୀ ସାସ୍ଥ୍ୟକେନ୍ଦ୍ରରେ ଏହି ପଦବୀ ଖାଲି ପଡ଼ିଥିଲା। ଗତ ୧୭ ତାରିଖରେ ଉକ୍ତ ପଦବୀରେ ଡା. ହୋତାଙ୍କୁ ନିଯୁକ୍ତି ଦିଆଯାଇଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଚିଠି ସଂଖ୍ୟା–୨୦୭୭୩ ଉଲ୍ଲେଖ କରାଯାଇଛି।

# ପୋଲଟ୍ରି ଫାର୍ମ ଅନ୍ୟତ୍ର ସ୍ଥାନାନ୍ତର ଦାବି

ଅନୁଗୋଳ,୧୯।୮ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଉପଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ପୋଲଟ୍ରି ଫାର୍ମକୁ ଅନ୍ୟତ୍ର ସ୍ଥାନାନ୍ତର ଏବଂ ଫାର୍ମର ସମସ୍ତ ଜାଗା ଜିଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର କରିବା, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗକୁ ଅନୁଗୋଳ ଟାଉନ୍ ମୌଜାର ୪.୯୫ ଏକର ଜାଗା ହସ୍ତାନ୍ତର ନିଷ୍ପତ୍ତିକୁ ତୁରନ୍ତ ଖାରଜ କରିବା, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମା ଉଲ୍ଲଂଘନ କରିଥିବାରୁ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଏଥିରେ ଦାବି କରାଯାଇଛି। ଏ ସମ୍ପର୍କରେ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କଲେ ବ୍ୟାପକ ଜନ ଆନ୍ଦୋଳନ ହେବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ସ୍ମାରକପତ୍ର ପ୍ରଦାନ ସମୟରେ କମିଟି ଆବାହକ ପ୍ରମୋଦ କୁମାର ପ୍ରଧାନ, ଅଭିମନ୍ୟୁ ସ୍ୱାଇଁ, ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ଦିଲୀପ ଦାସ, ବ୍ରଜବନ୍ଧୁ ସାହୁ, କୁଞ୍ଜବିହାରୀ ଦାସ, ତୀର୍ଥବାସୀ ଭୋଇ, ମାନସ ପାଳ, ରମେଶ ଚନ୍ଦ୍ର ସାହୁ, ପର୍ଶୁରାମ ଦାସ, ତ୍ରିଲୋଚନ ଜେନା, ତ୍ରେତାନନ୍ଦ ସାମନ୍ତ, ବିଷ୍ଣୁ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ଉପଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ପ୍ରଶିକ୍ଷଣ ନେଲେ ୪୫ ଏସ୍‌ଡିଏ କର୍ମକର୍ତ୍ତା

ଅନୁଗୋଳ,୧୯।୮ (ଅମିତ କୁମାର ସାମଲ)

ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବସ୍ତି ବାସିନ୍ଦା ସଂଘ (ଏସ୍‌ଡିଏ)ର ୪୫ କର୍ମକର୍ତ୍ତାଙ୍କୁ ଶନିବାର ପ୍ରଶିକ୍ଷଣ ଦିଆଯାଇଛି। ଅନୁଗୋଳ, ଢେଙ୍କାନାଳ ଓ କେନ୍ଦୁଝର ଜିଲାରୁ ଆସିଥିବା ଏହି ଏସ୍‌ଡିଏ କର୍ମକର୍ତ୍ତାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏଥିସହ ୩ଟି ଜିଲାର ୧୨ ପୌରପାଳିକା ଓ ବିଜ୍ଞପିତ ଅଞ୍ଚଳ ପରିଷଦର ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରଶିକ୍ଷଣ ନେଇଥିବା ଏସ୍‌ଡିଏ କର୍ମକର୍ତ୍ତାମାନେ ନିଜ ଅଞ୍ଚଳର ଅନ୍ୟ ଏସ୍‌ଡିଏ କର୍ମକର୍ତ୍ତାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବେ। ରାଜ୍ୟ ସରକାରଙ୍କ ଗୃହ ଓ ଉନ୍ନୟନ ବିଭାଗ ପକ୍ଷରୁ ଓଏସ୍‌ଡି ଆଲୋକ ସାମନ୍ତରାୟ ଏବଂ ତାଙ୍କ ଟିମ୍ ଏହି ପ୍ରଶିକ୍ଷଣ ଦେଇଥିଲେ। ବସ୍ତି ଅଞ୍ଚଳରେ ଆଗାମୀ ଦିନରେ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହେବାକୁ ଥିବାବେଳେ କିଭଳି ଏହା କାର୍ଯ୍ୟକାରୀ କରାଯିବ ସେ ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ପୌରପାଳିକାରୁ ୫ ଜଣ, ତାଳଚେରରୁ ୨, ଆଠମଲ୍ଲିକରୁ ୨, ଢେଙ୍କାନାଳ ପୌରପାଳିକାରୁ ୫, ଭୁବନରୁ ୨, ହିନ୍ଦୋଳରୁ ୨ ଓ କାମାକ୍ଷାନଗରରୁ ୨, କେନ୍ଦୁଝର ପୌରପାଳିକାରୁ ୫ ଜଣ, ଆନନ୍ଦପୁରରୁ ୫, ବଡ଼ବିଲରୁ ୫, ଚମ୍ପୁଆରୁ ୫ ଓ ଯୋଡ଼ାରୁ ୫ ଜଣ ଏସ୍‌ଡିଏ କର୍ମକର୍ତ୍ତା ସାମିଲ ହୋଇଲେ। ଅନୁଗୋଳ ଜିଲାପରିଷଦର ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ଅନୁଗୋଳ ପୌରନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।



# ଯୁଗୋପଯୋଗୀ ଫଟୋଗ୍ରାଫି ଆଗକୁ ନେବ

ଅନୁଗୋଳ,୧୯।୮ (ଅମିତ କୁମାର ସାମଲ)

ଅନୁଗୋଳ ଫଟୋଗ୍ରାଫର ଆସୋସିଏଶନ ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ ଶନିବାର ପାଳିତ ହୋଇଯାଇଛି। ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଏଥିପାଇଁ ସ୍ୱତନ୍ତ୍ର ଆୟୋଜନ କରାଯାଇଥିଲା। ଅନୁଗୋଳ ଉପ ଜିଲାପାଳ ବରଣ୍ୟେନ୍ଦୁ ମହାନ୍ତି ମଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନ ସଭାପତି ଦିଲୀପ ଧୀର ସାମନ୍ତ ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ କ୍ୟାମେରାମ୍ୟାନ ସବ୍ୟସାଚୀ ପାଣିଗ୍ରାହୀ, ଫଟୋଗ୍ରାଫର ଦେବାଶିଷ ମିଶ୍ର, ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ସଂଘ ଉପଦେଷ୍ଟା ଜୟକୃଷ୍ଣ ପାତ୍ର ଅତିଥିଭାବେ ଯୋଗଦେଇ ଫଟୋଗ୍ରାଫି ଦିବସର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ଏଥିସହ ଯୁଗୋପଯୋଗୀ ଫଟୋଗ୍ରାଫି ଫଟୋଗ୍ରାଫରମାନଙ୍କୁ ଆହୁରି ଆଗକୁ ନେବ ବୋଲି ଅତିଥିମାନେ ମତ ଦେଇଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିର ଓ ଫଟୋଗ୍ରାଫିକୁ ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେହିପରି ସଂଘର ୧୦ମ ବାର୍ଷିକ ଉତ୍ସବ ମଧ୍ୟ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଦୀନବନ୍ଧୁ ସାହୁ, ଉପ ସଭାପତି ମନୋଜ କୁମାର ପାଳ, କାର୍ଯ୍ୟକାରୀ ସଭାପତି ଅନନ୍ତ କୁମାର ନାୟକ, କୋଷାଧ୍ୟକ୍ଷ ଛବିଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଅନୁଗୋଳ ଫଟୋଗ୍ରାଫର ଆସୋସିଏଶନର କର୍ମକର୍ତ୍ତା ଓ ସଦସ୍ୟମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୦ ଅଗଷ୍ଟ ୨୦୨୩



# ବିଭୋର କଲା ନୃତ୍ୟନାଟିକା



ଅତିଥିଙ୍କ ଗହଣରେ କଳାକାରମାନେ।

**ଢେଙ୍କାନାଳ, ୧୯।୮ (ରତନ ନାୟାର)**

ଢେଙ୍କାନାଳ ଗୋପବନ୍ଧୁ ଟାଉନ୍ ହଲ୍‌ରେ ଶନିବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି ଦୁଇଦିନିଆ ରାଜ୍ୟସ୍ତରୀୟ ମେଘ ଉତ୍ସବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି ନିଜ ଅଭିଭାଷଣରେ କହିଲେ, ଓଡ଼ିଶାବାସୀ ସବୁବେଳେ କଳାସଂସ୍କୃତିକୁ ଭଲ ପାଆନ୍ତି। ବାର ମାସରେ ଏଠାରେ ତେରପର୍ବ ଅନୁଷ୍ଠିତ ହେଉଛି। ରାଜ୍ୟର କୋଣ ଅନୁକୋଣରେ କଳା, ସଂସ୍କୃତି ପହଞ୍ଚାଇବା ପାଇଁ ରାଜ୍ୟ

## ରାଜ୍ୟସ୍ତରୀୟ ମେଘ ଉତ୍ସବ

ସରକାରଙ୍କ ପକ୍ଷରୁ ଉଦ୍ୟମ ଜାରି ରହିଛି। ଉତ୍କର୍ଷ କଳାର ରାଜ୍ୟ ଓଡ଼ିଶାର କଳାସଂସ୍କୃତିକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବା ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ। ଦର୍ଶକମାନେ କରତାଳି ଦେଇ କଳାକାରଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରେରିତ କରିବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ।

ଅନ୍ୟତମ ଅତିଥି ଜିଲାପାଳ ସରୋଜ କୁମାର ସେଠୀ କହିଲେ, ଢେଙ୍କାନାଳ ହେଉଛି ସଂଗ୍ରାମୀ ଓ କଳା ସଂସ୍କୃତିର ମାଟି। ଶ୍ରାବଣରେ ବର୍ଷାର ଧାରା ଚାଲିଥିବାବେଳେ 'ମେଘ ଉତ୍ସବ'ର ଆୟୋଜନ ସ୍ୱାଗତଯୋଗ୍ୟ ପଦକ୍ଷେପ। କଳାକାରଙ୍କ ସୁବିଧା ପାଇଁ ଖୁବ୍‌ଶୀଘ୍ର ସଂସ୍କୃତି ଭବନ ପରିସରରେ ଏକ ବଡ଼ ଷ୍ଟେଜ୍, ଅଡିଟୋରିୟମ ପ୍ରସ୍ତୁତ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାସ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଉପସଭାପତି ମନ୍ମଥ କୁମାର ଶତପଥୀ ଉପସ୍ଥିତ ଥିଲେ। ଏହି ଅବସରରେ ତ୍ରିଧାରା ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପ୍ରସ୍ତୁତ ନୃତ୍ୟନାଟିକା 'ପ୍ରହଲ୍ଲାଦ' ଦର୍ଶକଙ୍କୁ ବିଭୋର କରିଥିଲା। ସଦର ବ୍ଲକ ଗୋବିନ୍ଦପୁରର ହରପାର୍ବତୀ ଦଣ୍ଡନୃତ୍ୟ କଳାକାରଙ୍କ ଦଣ୍ଡନୃତ୍ୟ ପରିବେଷଣ କରାଯାଇଥିଲା। ବିଶିଷ୍ଟ କଣ୍ଠଶିଳ୍ପୀ ଶଶାଙ୍କ ଶେଖର, ଅଭିଜିତ ମିଶ୍ର, ପ୍ରଜ୍ଞାଶ୍ରୀ ପାଢୀ, ଭାଗ୍ୟଶ୍ରୀ ମହାନ୍ତି ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ଆନୁକୂଲ୍ୟରେ ତଥା ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ପରିଷଦର ସହଯୋଗରେ ମେଘ ଉତ୍ସବର ଆୟୋଜନ କରାଯାଇଛି।



କଣ୍ଠଶିଳ୍ପୀ ଭାଗ୍ୟଶ୍ରୀ ସଙ୍ଗୀତ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ଆଜି କପିଳାସ ଆସୁଛନ୍ତି ଏଏସ୍ଆଇ ଡିଜି

**ଢେଙ୍କାନାଳ, ୧୯।୮ (ରତନ ନାୟାର)**

ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ)ର ଡାଇରେକ୍ଟର ଜେନେରାଲ (ଡିଜି) ତଥା ନ୍ୟାଶନାଲ ମନୁମେଣ୍ଟ ଅଥରିଟି (ଏନ୍ଏମ୍ଏ) ଚେୟାରମ୍ୟାନ୍ ପ୍ରଫେସର କେ.କେ. ବାସା ରବିବାର ବିଶ୍ୱପ୍ରସିଦ୍ଧ ଶୈବପୀଠ କପିଳାସ ପରିଦର୍ଶନରେ ଆସୁଛନ୍ତି। ସେ ଭୁବନେଶ୍ୱରରୁ ବାହାରି ପୂର୍ବାହ୍ନ ସାଢ଼େ ୯ଟାରେ କପିଳାସରେ ପହଞ୍ଚିବେ। ମହାଦେବ ଶ୍ରୀଚନ୍ଦ୍ରଶେଖରଙ୍କ ଗର୍ଭଗୃହ, ମା' ପାର୍ବତୀଙ୍କ ମନ୍ଦିରର ପାଣି ଗଳୁଥିବା ସ୍ଥାନ ବୁଲି ଦେଖିବେ। ଏଥିସହ ମନ୍ଦିର ରକ୍ଷଣାବେକ୍ଷଣ ବ୍ୟବସ୍ଥାର ଅନୁଧ୍ୟାନ କରିବେ। ଏହାପରେ ସେ କାମାକ୍ଷାନଗର ବ୍ଲକ ହାଟୁଆରିସ୍ଥିତ ଶୈବପୀଠ ପରିଦର୍ଶନ କରିବେ। ତାଳଚେରର ଏକ ହୋଟେଲରେ ବିଭାଗୀୟ ଅଧିକାରୀଙ୍କ ସହ ବୈଠକରେ ଯୋଗଦେବା ପରେ ସେଠାରୁ ପରଜଙ୍ଗ ବ୍ଲକ ସରାଙ୍ଗସ୍ଥିତ ଅନନ୍ତଶୟନ ଏବଂ ଅପରାହ୍ନ ସାଢେ ୩ଟାରେ କୁଆଳୋସ୍ଥିତ କନକେଶ୍ୱର ମନ୍ଦିର ପରିଦର୍ଶନ କରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଜିଲାପାଳ ସରୋଜ କୁମାର ସେଠୀଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହିବେ।

### ସୁନା ଅଳଙ୍କାର ଲୁଟ୍ ମାମଲା
### ୨ ଗିରଫ, ୧୦.୯୪ ଗ୍ରାମ ଗହଣା ଜବତ

**ଢେଙ୍କାନାଳ, ୧୯।୮ (ରତନ ନାୟାର)**

ଢେଙ୍କାନାଳ ସହର ଗାନ୍ଧୀମନ୍ଦିର ରୋଡ୍ ଅଞ୍ଚଳର ଜଣେ ସୁନା ଦୋକାନୀଙ୍କୁ ମୃଦୁ ପାନୀୟରେ ନିଶା ଦେଇ ସୁନା ଅଳଙ୍କାର ଲୁଟ୍ କରିଥିବା ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନଙ୍କ




ମଧ୍ୟରେ ଅଛନ୍ତି ମୁଖ୍ୟ ଅଭିଯୁକ୍ତ ବଡ଼ପଣ୍ଡା ସାହିର ବିକ୍ରମ ବିଶ୍ୱାଳ ଏବଂ ଚୋରି ସୁନା କିଣିଥିବା ମିନାବଜାର ଅଞ୍ଚଳର କାଶୀନାଥ ମହାପାତ୍ର। ଏହି ଘଟଣାରେ ପୋଲିସ ଲୁଟ୍‌ରେ ବ୍ୟବହୃତ ବାଇକ୍ (ନଂ. ଓଡ଼ି ୦୬ ଏମ୍ ୦୧୬୦), ୧୦.୯୪ ଗ୍ରାମ୍‌ର ଚୋରି ଅଳଙ୍କାର ଏବଂ ନଗଦ ୪,୦୦୦ ଟଙ୍କା ଜବତ କରିଛି। ଏ ନେଇ ଟାଉନ ଥାନାରେ ନଂ. ୫୫୭/୨୩, ଦଫା ୩୨୮ ଓ ୩୮୦ରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ରାଜେନ୍ଦ୍ର ମହାମାତ୍ର ସୂଚନା ଦେଇଛନ୍ତି। ପୋଲିସ କହିଛି, ଗତ ଅଗଷ୍ଟ ୧୬ରେ ଗାନ୍ଧୀମନ୍ଦିର ରୋଡ୍ ଅଞ୍ଚଳର ଅନିର୍ବାଣ ଦେବସିଂଙ୍କ ସୁନା ଦୋକାନରୁ ଅଭିନବ ଢଙ୍ଗରେ ଚୋରି ହୋଇଥିଲେ। ଏକ ବାଇକ୍‌ରେ ବିକ୍ରମ୍ ଆସି ଅନିର୍ବାଣଙ୍କୁ ମୃଦୁ ପାନୀୟରେ ନିଶା ଦେଇ ୧୦.୯୪ ଗ୍ରାମର ଅଳଙ୍କାର ଚୋରି କରିଥିବା ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଧରିବା ଲାଗି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା।

# ଶହୀଦଙ୍କ ଜନ୍ମଭୂମିରୁ ସଂଗ୍ରହ ହେଲା ମାଟି




ଶହୀଦ ଜନ୍ମଭୂମିରୁ ମାଟି ସଂଗ୍ରହ କରାଯାଉଛି।

**ଢେଙ୍କାନାଳ, ୧୯।୮ (ରତନ ନାୟାର)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖଡ଼ଗ୍‌ପ୍ରସାଦସ୍ଥିତ ବ୍ରାହ୍ମଣୀ ପବ୍ଲିକ ସ୍କୁଲ ପରିସରରେ ଭାରତ ସରକାରଙ୍କ ପ୍ରତିରକ୍ଷା ବିଭାଗ ଏବଂ ଏନ୍‌ସିସିର ଢେଙ୍କାନାଳସ୍ଥିତ ୧୨-ଓଡ଼ିଶା ବାଟାଲିୟନ ମୁଖ୍ୟାଳୟର କମାଣ୍ଡିଂ ଅଫିସର ଲଳିତ ମହାପାତ୍ରଙ୍କ ନିର୍ଦ୍ଦେଶରେ 'ମୋ ମାଟି, ମୋ ଦେଶ' ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଚେୟାରମ୍ୟାନ ତଥା ବିଶିଷ୍ଟ ସାମାଜିକକର୍ମୀ ଗଙ୍ଗାଧର ସାମଲ, ଯୁବ ଶିଳ୍ପୋଦ୍ୟୋଗୀ ଡା. ଅବିନାଶ ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରିନ୍ସିପାଲ ଡ. ନିହାର ରଞ୍ଜନ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏନ୍‌ଏସିସି କ୍ୟାଡେଟ୍‌ମାନେ ମଙ୍ଗଳପୁର ଗ୍ରାମକୁ ଯାଇ ଶହୀଦ ଗୋପବନ୍ଧୁ ରାଉତଙ୍କ ଜନ୍ମମାଟିରୁ ମୃତ୍ତିକା ସଂଗ୍ରହ କରିଥିଲେ। ଦିଲ୍ଲୀର କର୍ତ୍ତବ୍ୟ ପଥରେ ପ୍ରସ୍ତାବିତ ଅମୃତ ବାଟିକାରେ ଉକ୍ତ ମାଟି ବ୍ୟବହାର କରାଯିବ। ଶିକ୍ଷୟିତ୍ରୀ ଅନିତା ବରାଳ, ସ୍ୱର୍ଣ୍ଣଲତା ରାଉତ, ଚମ୍ପାବତୀ କୁଣ୍ଟୁ, ଶିକ୍ଷକ ସଂଗ୍ରାମ କେଶରୀ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କ୍ରୀଡାଙ୍ଗନ ପ୍ରଶିକ୍ଷଣ ଶିବିର



ଶିବିରରେ ଶିକ୍ଷୟିତ୍ରୀ ଶିକ୍ଷକମାନେ।

**ଢେଙ୍କାନାଳ, ୧୯।୮ (ରତନ ନାୟାର)**

ଢେଙ୍କାନାଳ ସଦର ବ୍ଲକ୍ କାଇମାଟି ସରକାରୀ ଉଚ୍ଚ ବିଦ୍ୟାଳୟରେ ଗତ ୧୭ ତାରିଖରୁ ଆରମ୍ଭ ହୋଇଥିବା ୩ଦିନିଆ କ୍ରୀଡ଼ାଙ୍ଗନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଭାରପ୍ରାପ୍ତ ଜିଲା ଶିକ୍ଷାଧିକାରୀ ସସ୍ମିତା ସାହୁ ଓ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତିପ୍ରସାଦ ପରିଡ଼ା ପ୍ରଦୀପ ପ୍ରଜ୍ୱଳନ କରି ଏହାର ଉଦ୍‌ଘାଟନ କରିଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ୩୩ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରଶିକ୍ଷଣ ପୁସ୍ତକ ବଣ୍ଟନ କରାଯାଇଥିଲା। ସୁଶୀଲ୍ ପଣ୍ଡା, ଦୁଷ୍ମନ୍ତ ସେଠୀ ମାଷ୍ଟର ଟ୍ରେନର୍ ଭାବେ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଦିବସରେ କାଇମାଟି ହାଇସ୍କୁଲର ପ୍ରଧାନ ଶିକ୍ଷକ ରୋହିତ ରାଉତ, ମୋ ସ୍କୁଲ୍ ଅଭିଯାନ କ୍ରୀଡ଼ାଙ୍ଗନର ଜିଲା ସହାୟକ ଅଧିକାରୀ ତପନ ସାହୁ ଯୋଗଦେଇଥିଲେ। ସରିତା ବିଶ୍ୱାଳ, ବିଦୁର ସାମଲ, ସୁବ୍ରତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସବୁ ସମୟରେ ଫଟୋର ଗୁରୁତ୍ୱ ରହିଛି

**କାମାକ୍ଷାନଗର, ୧୯।୮ (ସୁଧୀର ପରିଡ଼ା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଶନିବାର ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୋଇଯାଇଛି। ସହକାରୀ ଜିଲାପାଳ ମଦନମୋହନ ଜେନା ଅତିଥି ଭାବେ ଯୋଗଦେଇ କହିଲେ, ସବୁ ସମୟରେ ଫଟୋର ଗୁରୁତ୍ୱ ରହିଛି। ଖବରକାଗଜରେ ଖବର ତୁଳନାରେ ଫଟୋ ଅଧିକ ଦୃଷ୍ଟି ଆକର୍ଷଣ କରିଥାଏ। ଖବରରେ ନିର୍ଦ୍ଦିଷ୍ଟ ବିଷୟରେ ସୂଚନା ଦିଆଯାଉଥିବାବେଳେ ଫଟୋ ଅନେକ କଥା କହିଥାଏ। ଫଟୋ ଉଠାଇବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ସାମ୍ବାଦିକତା ବୃତ୍ତି ଏବଂ ଫଟୋ ଖବରଦାତାଙ୍କ ପାଇଁ ଏହି ଦିବସ ଅନନ୍ୟ ବୋଲି ସହକାରୀ ଜିଲାପାଳ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ସୁବ୍ରତ ବେହେରା, ସୁଧୀର ରାକେଶ ଦେହୁରୀ, ସମଦର୍ଶୀ ଦାସ, ରୀତେଶ ବର୍ମା, ସଦାଶିବ ସେଠୀ, ସରୋଜକାନ୍ତ ବେହେରାଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ପ୍ରିଣ୍ଟିଂ ମେଶିନ ଅଚଳ, ଗ୍ରାହକ ନିରାଶ

**କାମାକ୍ଷାନଗର, ୧୯।୮ (ଅମ୍‌ଜାଦ୍ ଖାନ୍)**

ଢେଙ୍କାନାଳ ଜିଲା କାମାକ୍ଷାନଗର ପୌରାଞ୍ଚଳ ମୁଣ୍ଡିଦେଉଳିସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରେ ଦୁଇମାସ ହେଲା ଜମାଖାତା ପ୍ରିଣ୍ଟିଂ ମେଶିନ ଅଚଳ ହୋଇପଡ଼ିଛି। ଫଳରେ ଜମାକାରୀମାନେ ଖାତା ଅପ୍‌ଡେଟ୍ କରି ନ ପାରି ନିରାଶରେ ଫେରୁଥିବା ଅଭିଯୋଗ ହୋଇଛି। ଏଥିସହ ଏନ୍ଏସି ପ୍ରଶାସନ ପକ୍ଷରୁ ବ୍ୟାଙ୍କକୁ ଯିବା ରାସ୍ତାରେ ଥିବା ଡ୍ରେନ୍ ପୁନରୁଦ୍ଧାର କରାଯାଉ ନ ଥିବାରୁ ବର୍ଷା ପାଣି ଜମି ରହୁଛି। ତେଣୁ ଗ୍ରାହକମାନେ ପାଣି କାଦୁଅରେ ହୀନସ୍ତା ହେଉଛନ୍ତି।

ଜମାକାରୀଙ୍କ କହିବା କଥା, ମୁଣ୍ଡିଦେଉଳିସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖା ଭଡ଼ାଘରେ ଚାଲିଛି। ବ୍ୟାଙ୍କ ପକ୍ଷରୁ ଦୁଇମାସ ତଳେ ପ୍ରିଣ୍ଟିଂ ମେଶିନରେ ନୂତନ ସଫ୍ଟୱେର ଅପ୍‌ଡେଟ୍ କରାଯାଇଥିଲା। ହେଲେ ଏହା ମେଶିନକୁ ସହାୟକ ହେଲାନାହିଁ। ତେଣୁ ଜମାଖାତା ପ୍ରିଣ୍ଟିଂ କରିବାରେ ସମସ୍ୟା ହେଉଛି। ସେହିପରି ୧୦ମାସ ହେଲା ବ୍ୟାଙ୍କ୍ ପ୍ରବେଶପଥ ଗେଟ୍ ସମ୍ମୁଖରେ ଥିବା ଡ୍ରେନ୍ ପୋତି ହୋଇପଡ଼ିଛି। ଅସରାଏ ବର୍ଷା ହେଲେ ମୁଣ୍ଡିଦେଉଳି ଅଞ୍ଚଳର ନର୍ଦ୍ଦମା ପାଣି ବ୍ୟାଙ୍କ କାର୍ଯ୍ୟାଳୟ ଆଖପାଖ ଅଞ୍ଚଳରେ ଜମିରହୁଛି। ଫଳରେ ଗ୍ରାହକମାନେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି।

ଏ ସମ୍ପର୍କରେ ଶାଖା ପରିଚାଳକ ସାଗର ଗୁରୁଙ୍କ ଅନୁପସ୍ଥିତିରେ ଡେପୁଟେଶନରେ ଆସିଥିବା ଅଧିକାରୀ ଦେବସ୍ମିତା ଷଡ଼ଙ୍ଗୀଙ୍କୁ ପଚରାଯିବାରେ ସେ କହିଛନ୍ତି, ନୂଆ ସଫ୍ଟୱେର ମେଶିନକୁ ସପୋର୍ଟ କରୁ ନ ଥିବାରୁ ପ୍ରିଣ୍ଟିଂ କରିବାରେ ଅସୁବିଧା ହେଉଛି। ଡ୍ରେନ୍ ସମସ୍ୟା ସମ୍ପର୍କରେ ଏନ୍ଏସି କର୍ତ୍ତୃପକ୍ଷ ଏବଂ ଭଡ଼ା ଘର ମାଲିକଙ୍କୁ ଅବଗତ କରାଯାଇଛି। ସମସ୍ୟାର ଖୁବ୍‌ଶୀଘ୍ର ସମାଧାନ ହେବ ବୋଲି ସେ କହିଛନ୍ତି।



ବ୍ୟାଙ୍କ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ପାଣି ଜମିଛି।

# ଜିଲା ତୀରନ୍ଦାଜୀ ସଂଘ ସମ୍ମାନିତ

**ଢେଙ୍କାନାଳ, ୧୯।୮ (ରତନ ନାୟାର)**

କଟକ ବାରବାଟୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ରାଜ୍ୟ ତୀରନ୍ଦାଜୀ ସଂଘର ବାର୍ଷିକ ସାଧାରଣ ସଭାରେ ଢେଙ୍କାନାଳ ଜିଲା ତୀରନ୍ଦାଜୀ ସଂଘକୁ ସମ୍ମାନିତ କରାଯାଇଛି। ମୁଖ୍ୟ ଅତିଥି ତଥା ଓଡ଼ିଶା ଅଲିମ୍ପିକ୍ସ ଆସୋସିଏଶନ ସମ୍ପାଦକ ଅଭିଜିତ୍ ପାଲ୍ ଯୋଗଦେଇ ସଂଘ ସମ୍ପାଦକ ଅମିୟ କୁମାର ଚାନ୍ଦଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ୨୦୨୨ ଡିସେମ୍ବର ୯ରୁ ୧୧ ଯାଏ ଢେଙ୍କାନାଳ ତୀରନ୍ଦାଜୀ ସଂଘ ଦ୍ୱାରା ଷ୍ଟାଡିୟମ୍‌ଠାରେ ୪ର୍ଥ ରାଜ୍ୟସ୍ତରୀୟ ପୁରୁଷ, ମହିଳା ଆଦିବାସୀ ତୀରନ୍ଦାଜ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଢେଙ୍କାନାଳ ଆର୍ଚେରି ଆସୋସିଏଶନ ପକ୍ଷରୁ କରାଯାଇଥିବା ପ୍ରତିଯୋଗିତାର ଉତ୍କୃଷ୍ଟ ଆୟୋଜନକୁ ଉଚ୍ଚ ପ୍ରଶଂସା କରାଯାଇଛି।



ଅମିୟ କୁମାର ଚାନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# 'ଫଟୋ ମାଧ୍ୟମରେ ମାନବବାଦ ବାର୍ତ୍ତା ବାଣ୍ଟ'

**ଢେଙ୍କାନାଳ, ୧୯।୮ (ରତନ ନାୟାର)**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଶନିବାର ଅପରାହ୍ନରେ ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୋଇଯାଇଛି। ଢେଙ୍କାନାଳ ଫଟୋ ଓ ଭିଡିଓ ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାପାଳ ସରୋଜ କୁମାର ସେଠୀ କହିଲେ, ଶନିବାର ବିଶ୍ୱ ଫଟୋଗ୍ରାଫି ଦିବସ ସହିତ ବିଶ୍ୱ ମାନବିକତା ଦିବସ ମଧ୍ୟ ପାଳିତ ହେଉଛି। ଫଟୋଚିତ୍ର ମାଧ୍ୟମରେ ମାନବବାଦ ବାର୍ତ୍ତା ବାଣ୍ଟିବା ଏବଂ ମାନବ ଜାତିର କଲ୍ୟାଣ ନିମନ୍ତେ ସମସ୍ତ ପ୍ରକାର ପଦକ୍ଷେପ ହାତକୁ ନେବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ। ଢେଙ୍କାନାଳର ପ୍ରାକୃତିକ ବୈଭବ, ଧର୍ମ, ସଂସ୍କୃତି ଓ ପରମ୍ପରା ଉପରେ ଆଧାରିତ ଫଟୋକୁ ବିଶ୍ୱମାନସରେ ପ୍ରଚାର କରିବା ଲାଗି ଜିଲାପାଳ ପରାମର୍ଶ ଦେଇଛନ୍ତି।

ସମ୍ମାନିତ ଅତିଥି ଭାବେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର କହିଲେ, ଏବେକାର ସମୟରେ ଫଟୋଚିତ୍ରର ପ୍ରାମାଣିକ ମହତ୍ତ୍ୱ ଅଧିକ। ସକାରାତ୍ମକ ଫଟୋଚିତ୍ରର ବହୁଳ ପ୍ରଚାର ପ୍ରସାର କରିବା ଲାଗି ଏସ୍‌ପି ନିବେଦନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ସାହୁ ଯୋଗଦେଇ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ଲାଗି ଗଣମାଧ୍ୟମ ପ୍ରତିନିଧିଙ୍କ ଆନ୍ତରିକ ସହଯୋଗ ଲୋଡ଼ିଥିଲେ। ଜିଲା ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ସତ୍ୟସ୍ୱରୂପ ଦାସ, ବରିଷ୍ଠ ସଦସ୍ୟ ଅମ୍ବିକା ପ୍ରସାଦ ପଟ୍ଟନାୟକ, ବରିଷ୍ଠ ଫଟୋଗ୍ରାଫର ଶରତ ବେହେରା ପ୍ରମୁଖ ଫଟୋ ସାମ୍ବାଦିକତାର ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ସଦସ୍ୟ ଅମାନି ସାହୁ, ଅରବିନ୍ଦ ସାହୁ, ଜିଲା ସାମ୍ବାଦିକ ସଂଘ ଉପସଭାପତି ଅଥୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ।

# 'ଦୁର୍ନୀତିରେ ବୁଡ଼ିଛି ହିନ୍ଦୋଳ'

**ଢେଙ୍କାନାଳ, ୧୯।୮ (ରତନ ନାୟାର)**

ହିନ୍ଦୋଳ ନିର୍ବାଚନମଣ୍ଡଳୀ ଦୁର୍ନୀତିରେ ବୁଡ଼ିରହିଛି। ଅଧିକାଂଶ କ୍ଷେତ୍ରରେ ଶାସକ ଦଳର ନେତା, କର୍ମୀମାନଙ୍କ ଏଥିରେ ସମ୍ପୃକ୍ତି ରହିଛି। କୌଣସି ଉନ୍ନୟନମୂଳକ କାର୍ଯ୍ୟ ଠିକ୍ ଭାବେ ହେଉନାହିଁ। ଏଭଳି ଭ୍ରଷ୍ଟାଚାରରେ ଜନସାଧାରଣ ଅତିଷ୍ଠ ହୋଇଗଲେଣି। ଆଗାମୀ ଦିନରେ ଲୋକେ ଏହାର ଜବାବ ଦେବେ ବୋଲି କହିଛନ୍ତି ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର। ବିଭିନ୍ନ ଦାବି ନେଇ ହିନ୍ଦୋଳରେ ଦଳ ପକ୍ଷରୁ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିବାବେଳେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସଭାପତି ଶାସକ ଦଳ ଉପରେ ବର୍ଷିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।



ଆନ୍ଦୋଳନରେ ଏଏପି କାର୍ଯ୍ୟକର୍ତ୍ତାମାନେ।

ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ

## ଶାସକ ଦଳ ବିରୋଧରେ ଏଏପିର ଅଭିଯୋଗ

ଡାକ୍ତର ଅଭାବ, ଅଘୋଷିତ ବିଦ୍ୟୁତ୍ କାଟ, ଟାଟା ପାୱାର ଜୁଲମ ବନ୍ଦ, ପ୍ରତି ପରିବାରକୁ ୨୦୦ ୟୁନିଟ୍ ଦେୟମୁକ୍ତ ବିଜୁଳି ଶକ୍ତି ଯୋଗାଣ, ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା, ବେକାର ଶିକ୍ଷିତ ଯୁବତୀଯୁବକଙ୍କୁ ନିଯୁକ୍ତି କିମ୍ବା ୫,୦୦୦ ଟଙ୍କା ବେରୋଜଗାରି ଭତ୍ତା, ସାମାଜିକ ସୁରକ୍ଷା ଯୋଜନାରେ ସର୍ବନିମ୍ନ ୨୫୦୦ ଟଙ୍କା ଭତ୍ତା ପ୍ରଦାନ ଆଦି ଦାବିରେ ଏହି ସମାବେଶ ଅନୁଷ୍ଠିତ ହୋଇଥିଲା। ଏହାର ସମାଧାନ ନ ହେଲେ ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ଜନଆନ୍ଦୋଳନ କରାଯିବ ବୋଲି ଜିଲା ସଭାପତି ପଙ୍କଜ ନାୟକ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଜିଲା ଉପସଭାପତି ରମେଶ ପଣ୍ଡା, ବିକ୍ରମ ରାଉତ, ଜିଲା ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡା, ସଙ୍ଗଠନ ସମ୍ପାଦକ ବିଧୁ ରଞ୍ଜନ ନାୟକ, ଶଙ୍କର୍ଷଣ ଦଳାଇ, ସୋସିଆଲ ମିଡିଆ ପ୍ରଭାରୀ ସୁମନ୍ତ ଗୋଚ୍ଛାୟତ, ଯୁବ ସଭାପତି ଅଶ୍ୱିନୀ ପଟ୍ଟନାୟକ, ମିଡିଆ ସଦସ୍ୟ ଜିତେନ୍ଦ୍ର ବେହେରା, ମହିଳା ସଭାନେତ୍ରୀ ସଂଯୁକ୍ତା ମହାପାତ୍ର, ରୁବି ନାୟକ, କମଳି ନାୟକ, ବ୍ଲକ ସଭାପତି ମନୋରଞ୍ଜନ ପାଳ, ଶେଷଦେବ ବେହେରା, ସଦସ୍ୟ ପ୍ରଶାନ୍ତ ନାୟକ, ବିନୟ କୁମାର ସାହୁ ପ୍ରମୁଖ ଶତାଧିକ କର୍ମୀ ଭାଗନେଇଥିଲେ।

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୨୦ ଅଗଷ୍ଟ, ୨୦୨୩

## ୨ ମୋବାଇଲ ଚୋର ଗିରଫ

**ଅନୁଗୋଳ, (ଅମିତ କୁମାର ସାମଲ):** ତାଳଚେର ଥାନା ଅଞ୍ଚଳରେ କାର୍ଯ୍ୟରତ ପଶ୍ଚିମବଙ୍ଗର ଶ୍ରମିକ ମାରେସଲିମ ଶେଖଙ୍କ ମୋବାଇଲ ଚୋରି ଅଭିଯୋଗରେ ୨ ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ତାଳଚେର ବାଘୁଆବୋଲ ଅଞ୍ଚଳର ଶେକ୍ ୱାର୍ସିଦ୍(୪୫) ଓ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କଙ୍କିଳି ଗ୍ରାମର ସୁଧୀର ସାହୁ(୨୧)। ମାରେସଲିମଙ୍କ ଅଭିଯୋଗ ଆଧାରରେ ନଂ. ୪୯୭/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରାଯାଇଥିଲା ବୋଲି ପୋଲିସ ସୂଚନା ଦେଇଛି।



**ସଂକ୍ଷେପରେ**

## ଗୋରୁଙ୍କଠାରେ ଅଜଣା ରୋଗ

କଣିହାଁ ୧୯।୮ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ଗୋରୁପଲ ଅଜଣା ରୋଗରେ ଆକ୍ରାନ୍ତ ହେଉଛନ୍ତି। ପ୍ରତିଷେଧକ ବ୍ୟବସ୍ଥାରେ ଅବହେଳା ଯୋଗୁ ଏପରି ରୋଗ ବ୍ୟାପୁଥିବା ଅନେକେ ଗୋ-ପାଳକ ଅଭିଯୋଗ କରିଛନ୍ତି। ତୁରନ୍ତ ପ୍ରାଣୀ ଚିକିତ୍ସା ବିଭାଗ ତରଫରୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବା ପାଇଁ ଦାବି ହୋଇଛି। ନାଲମ ଗ୍ରାମର ଭକ୍ତ ବାରିକ, ଛବି ବାରିକ, ଗାଙ୍ଗୁଲି ମହାନ୍ତିଙ୍କ ସମେତ ଅନେକେ ଗୋ-ପାଳକ କହିଛନ୍ତି, ପୂର୍ବରୁ ଏପରି ଅଜଣା ରୋଗରେ ଅନେକ ଗୋରୁ ପ୍ରାଣ ହରାଇଛନ୍ତି। ଏବେ ପୁନଃ ଅଜଣା ଚର୍ମରୋଗ ବ୍ୟାପୁଛି। କଣିହାଁ ପ୍ରାଣୀଧନ ଅଧିକାରୀ ରାଜେଶ କବି କହିଛନ୍ତି, ଏହା ଭୂତାଣୁ ଜନିତ ଚର୍ମବେଣ୍ଡି ରୋଗ। ଗତ ଫେବୃଆରୀ-ମାର୍ଚ୍ଚରେ ଟିକା ଦିଆଯିବା ଦ୍ୱାରା ଏହା ନିୟନ୍ତ୍ରଣରେ ଥିଲା। ସେହି ଟିକା ପୁଣି ପ୍ରଦାନ ପାଇଁ ଉପରିସ୍ଥ ଅଧିକାରୀଙ୍କ ଅନୁମତି ମଗାଯାଇଛି। ଅନୁମତି ମିଳିଲେ ଟିକାକରଣ କରାଯିବ।

# ଶିକ୍ଷାନୁଷ୍ଠାନରେ ଠପ୍ ସଂସ୍କୃତ ଶିକ୍ଷା

**୨୦୧୯ରୁ ଅବସର ନେଲେଣି ସଂସ୍କୃତ ଶିକ୍ଷକ। ସେବେଠାରୁ ବିଦ୍ୟାଳୟରେ ଠପ୍ ହୋଇଯାଇଛି ସଂସ୍କୃତ ଶିକ୍ଷା। ବାଧ୍ୟବାଧକତାରେ ଛାତ୍ରୀଛାତ୍ର ହିନ୍ଦୀ ପଢୁଥିବା ବେଳେ ସମସ୍ୟା ସମ୍ପର୍କରେ ଅବଗତ କରାଯାଇଛି ସରକାରଙ୍କୁ। ହେଲେ ୪ ବର୍ଷ ହେଲା ଶିକ୍ଷକ ନିଯୁକ୍ତି ଦିଆଯାଉ ନ ଥିବାରୁ ଅଭିଭାବକ ମହଲରେ ସୃଷ୍ଟି ହୋଇଛି ତୀବ୍ର ଅସନ୍ତୋଷ।**




**■୪ ବର୍ଷ ହେଲା ବାଧ ହୋଇ ପିଲା ପଢୁଛନ୍ତି ହିନ୍ଦୀ**

**■ସମସ୍ୟାରେ ଉରୁକୁଳା ଗ୍ରା.ପ. ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟ**

ବଇଣ୍ଡା, ୧୯।୮ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଉରୁକୁଳା ପଞ୍ଚାୟତ ଠାରେ ଥିବା ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟ (ପର୍ଶୁମାଳ) ନାନା ସମସ୍ୟା ଦେଇ ଗତି କରୁଛି। ଆବଶ୍ୟକ ଶିକ୍ଷକ ନ ଥିବା ଯୋଗୁ ଏଠାରେ ଶିକ୍ଷାଦାନ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ଖାଲି ପଡ଼ିଥିବା ୪ ଶିକ୍ଷକ ପଦବୀ ସହ କିରାଣି ଓ ପିଅନ ପଦବୀ ତୁରନ୍ତ ପୂରଣ ପାଇଁ ଉରୁକୁଳା ପଞ୍ଚାୟତବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଗଣଶିକ୍ଷାମନ୍ତ୍ରୀ, ଶିକ୍ଷା ସଚିବ, ଆଠମଲିକ ବିଧାୟକ, ଅନୁଗୋଳ ଜିଲାପାଳ, ଜିଲା ଶିକ୍ଷା ଅଧିକାରୀଙ୍କୁ ପୁନର୍ବାର ଅଭିଯୋଗପତ୍ର ପ୍ରଦାନ କରାଯାଇଛି।

ଅଞ୍ଚଳବାସୀ କହିଛନ୍ତି, ୧୯୮୪ ଜୁଲାଇ ୫ରେ ଗ୍ରାମବାସୀ ଉରୁକୁଳା ଗ୍ରାମ ପଞ୍ଚାୟତ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟ ସ୍ଥାପନ କରିଥିଲେ। ଏଠାରେ ନବମ ଓ ଦଶମ ଶ୍ରେଣୀର ପିଲାଙ୍କୁ ପଢ଼ାଯାଉଥିବା ବେଳେ ବର୍ତ୍ତମାନ ୧୮୭ ଛାତ୍ରୀଛାତ୍ର ଅଛନ୍ତି। ହେଲେ ଦୀର୍ଘଦିନ ହେବ ଶିକ୍ଷାନୁଷ୍ଠାନରେ ୪ ଶିକ୍ଷକ ପଦବୀ ଖାଲି ପଡିଛି। ଜଣେ ସଂସ୍କୃତ ଶିକ୍ଷକ, ଜଣେ ଖେଳ ଶିକ୍ଷକ ଓ କଳା ବିଭାଗରେ ୨ ଜଣ ଶିକ୍ଷକ ନାହାନ୍ତି। ସେହିପରି ୩ ପିଅନ ଓ ଗୋଟିଏ କିରାଣି ପଦବୀ ମଧ୍ୟ ଖାଲି ପଡିଛି। ବିଶେଷକରି ୨୦୧୯ ନଭେମ୍ବର ୧ରୁ ସଂସ୍କୃତ ଶିକ୍ଷକ ନ ଥିବା ଯୋଗୁ ବିଦ୍ୟାଳୟରେ ଏହି ଶିକ୍ଷାଦାନ ହୋଇପାରୁ ନାହିଁ। ଫଳରେ ଛାତ୍ରୀଛାତ୍ରମାନେ ହିନ୍ଦୀ ପଢ଼ିବାକୁ ବାଧ ହେଉଛନ୍ତି। ସେହିପରି ଖେଳ ଶିକ୍ଷକ ପଦବୀ ପୂରଣ କରାଯାଉ ନ ଥିବାରୁ ଛାତ୍ରୀଛାତ୍ରଙ୍କ କ୍ରୀଡ଼ାର ବିକାଶ ହୋଇପାରୁ ନାହିଁ। ଏଥିସହ କିରାଣି ପଦବୀ ଖାଲି ପଡିଥିବା ଯୋଗୁ ଅଫିସ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ପିଅନ ପଦବୀ ମଧ୍ୟ ପୂରଣ କରାଯାଉ ନାହିଁ। ବିଦ୍ୟାଳୟର ଏପରି ସମସ୍ୟା ସମ୍ପର୍କରେ ଗ୍ରାମବାସୀ ୨୦ ଜୁନ ୨୦୨୦, ୧୫ ମାର୍ଚ୍ଚ ୨୦୨୧ ଓ ୨୨ ମାର୍ଚ୍ଚ ୨୦୨୨ରେ ଜିଲାପାଳଙ୍କଠାରୁ ଆରମ୍ଭ କରି ଗଣଶିକ୍ଷା ମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳୁନାହିଁ। ତୁରନ୍ତ ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଉରୁକୁଳା ପଞ୍ଚାୟତବାସୀ ଦାବି କରିଛନ୍ତି।

ଏ ସମ୍ପର୍କରେ କିଶୋରନଗର ବ୍ଲକ ଶିକ୍ଷା ଅଧିକାରୀ ସୁନୀଲ କୁମାର ସେଠୀ କହିଛନ୍ତି, ଉରୁକୁଳା ହାଇସ୍କୁଲ ସମସ୍ୟା ସମ୍ପର୍କରେ ଜିଲା ଶିକ୍ଷା ବିଭଗକୁ ଅବଗତ କରାଯିବ।

### ଆଗାମୀ ଦିନରେ ଆନ୍ଦୋଳନ



ଶିକ୍ଷାନୁଷ୍ଠାନର ସମସ୍ୟା ସମାଧାନ ପାଇଁ ବହୁବାର ଜିଲା ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗ କରାଯାଇଛି। ହେଲେ ପ୍ରତିଶ୍ରୁତି ବ୍ୟତୀତ ଅନ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ।

-ଶୁକ୍ରୁ ଦେହୁରୀ, ଗ୍ରାମବାସୀ

### ଜିଲା ଶିକ୍ଷା ବିଭାଗକୁ ଅବଗତ କରାଯାଇଛି



ବିଦ୍ୟାଳୟରେ ଶିକ୍ଷକ ଓ କର୍ମଚାରୀଙ୍କ ଅଭାବ ଥିବା ଯୋଗୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ବିଶେଷକରି ସଂସ୍କୃତ ଶିକ୍ଷକ ନ ଥିବାରୁ ବିଷୟ ଭିତ୍ତିକ ପାଠ ପିଲାଙ୍କୁ ପଢ଼ାଯାଇପାରୁ ନାହିଁ। ଏ ନେଇ ଜିଲା ଶିକ୍ଷା ବିଭାଗକୁ ଅବଗତ କରାଯାଇଛି।

-ସୁଧାକର ପ୍ରଧାନ, ପ୍ରଧାନ ଶିକ୍ଷକ

### ସଂସ୍କୃତ ବଦଳରେ ହିନ୍ଦୀ ପଢୁଛୁ



ସଂସ୍କୃତ ଶିକ୍ଷକ ପଦବୀ ଖାଲି ପଡ଼ିଥିବାରୁ ଏ ବିଷୟରେ ପଢ଼ାଯାଇ ପାରୁ ନାହିଁ। ଫଳରେ ସଂସ୍କୃତ ବଦଳରେ ହିନ୍ଦୀ ଶିକ୍ଷା ନେବାକୁ ବାଧ ହେଉଛୁ। ଜିଲା ଶିକ୍ଷା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେଉ।

-ସୁଶ୍ରୀ ବିଉଟି ସାହୁ, ଛାତ୍ରୀ

### ନୂଆ ଶିକ୍ଷକ ନିଯୁକ୍ତି ଦିଆଯାଉ



ବିଦ୍ୟାଳୟରେ ୪ ଶିକ୍ଷକ ପଦବୀ ଖାଲି ପଡ଼ିଥିବାରୁ ପାଠ ପଢାକୁ ନେଇ ଚିନ୍ତା ବଢ଼ିଯାଇଛି। ଅବସର ଗ୍ରହଣ କରୁଥିବା ଶିକ୍ଷକଙ୍କ ସ୍ଥାନରେ ନୂତନ ନିଯୁକ୍ତି ଦିଆଯାଉ ନାହିଁ। ଜିଲା ଶିକ୍ଷା ଅଧିକାରୀ ତୁରନ୍ତ ନୂଆ ଶିକ୍ଷକ ନିଯୁକ୍ତି ଦିଅନ୍ତୁ।

-ରାକେଶ ପ୍ରଧାନ, ଛାତ୍ର

### ସମସ୍ୟା ପ୍ରତି ପ୍ରଶାସନର ଅଣଦେଖା



ଏହି ପୁରାତନ ବିଦ୍ୟାଳୟର ସମସ୍ୟା ପ୍ରତି ପ୍ରଶାସନ ଅଣଦେଖା କରୁଛି। ବିଶେଷକରି ଖାଲି ପଡ଼ିଥିବା ଶିକ୍ଷକ ପଦବୀ ଦୀର୍ଘଦିନ ହେଲା ପୂରଣ କରାଯାଉ ନ ଥିବାରୁ ପାଠପଢ଼ା ବିପର୍ଯ୍ୟସ୍ତ ହୋଇପଡ଼ିଛି।

-ଦୁଷ୍ମନ୍ତ ସାହୁ, ପୁରାତନ ଛାତ୍ର

## ଘରପୋଡ଼ି କ୍ଷତିଗ୍ରସ୍ତଙ୍କୁ ରିଲିଫ୍

ଢେଙ୍କାନାଳ, ୧୯।୮ (ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ କାଇମାଟି ଗ୍ରାମ ଶବର ସାହିରେ ଘରପୋଡ଼ି କ୍ଷତିଗ୍ରସ୍ତ ଆଦିବାସୀ ପରିବାରକୁ ଶୁକ୍ରବାର ଉଫୁନା ଏବଂ ଗାନ୍ଧୀ ଅଧ୍ୟୟନ କେନ୍ଦ୍ର ତରଫରୁ ରିଲିଫ୍ ବଣ୍ଟନ କରାଯାଇଥିଲା। ଏଥିରେ ପୋଷାକ, ଖାଦ୍ୟ ପଦାର୍ଥ ସମେତ ଅନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ରହିଛି। ଉଫୁନାର ସର୍ବଭାରତୀୟ ଉପସଭାପତି ମନୋରଞ୍ଜନ ପଟ୍ଟନାୟକ, ଗାନ୍ଧୀ ଅଧ୍ୟୟନ କେନ୍ଦ୍ରର କାର୍ଯ୍ୟକାରୀ ସଭାପତି ସରୋଜ ଶତପଥୀ, ଗାନ୍ଧୀ ବିଚାର ମଞ୍ଚର ସମ୍ପାଦକ ରୁଦ୍ର ପ୍ରସାଦ ଶରଣ, ଅଖିଳ ଭାରତୀୟ କଂଗ୍ରେସର ମାନବାଧିକାର ବିଭାଗର ରାଜ୍ୟ ସମ୍ପାଦକ ପ୍ରଫୁଲ୍ଲ ମହାନ୍ତି, ପୂର୍ବତନ ସିବିଆଇ ଜଜ୍ ଭିକାରୀ ଚରଣ ରାଉତ, ପରିବେଶବିତ୍ ଉପେନ୍ଦ୍ର ରାଉତ, ସାନ୍ଧ୍ୟ ମହାବିଦ୍ୟାଳୟ ଅଧ୍ୟକ୍ଷ ସମୀର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ସରପଞ୍ଚ ଅମିତ୍‌ଜ୍ୟୋତି ସ୍ୱାଇଁ, ଦିବ୍ୟରଞ୍ଜନ ହୋତା, ହୃଦାନନ୍ଦ ବେହେରା ପ୍ରମୁଖ ସହାୟତା କରିଥିଲେ।



କାଇମାଟି ଶବରସାହି ଘରପୋଡି କ୍ଷତିଗ୍ରସ୍ତଙ୍କୁ ରିଲିଫ୍ ପ୍ରଦାନ।

## ଚାକିରି ସର୍ତ୍ତାବଳୀ ଦାବି କଲେ ଶିକ୍ଷକ



ବୈଠକରେ ସଂଘର କାର୍ଯ୍ୟକର୍ତ୍ତାମାନେ।

ଢେଙ୍କାନାଳ, ୧୯।୮ (ରତନ ନାୟାର)

ନୂତନ ଅନୁଦାନପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ଏକ ବୈଠକ ସ୍ଥାନୀୟ ଶ୍ରୀ ସିଦ୍ଧ ବଳରାମ ମନ୍ଦିର ପରିସରରେ ସଭାପତି ଅମରେନ୍ଦ୍ର ନାଥ ନନ୍ଦଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩୦ ବର୍ଷ ଧରି ଶିକ୍ଷାଦାନ କରିବା ପରେ ସଂଘର କର୍ମଚାରୀମାନେ ସେବାନିବୃତ୍ତ ହୋଇ ଶୂନ୍ୟ ହସ୍ତରେ ଫେରିଛନ୍ତି। ସେମାନଙ୍କ ପରିବାର ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି। ତେଣୁ ପେନ୍‌ସନ ସହ ଚାକିରି ସର୍ତ୍ତାବଳୀ ଲାଗୁ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଏହା ନ ହେଲେ ଆଗାମୀ ବିଧାନସଭା ଅଧିବେଶନ ସମୟରେ ଅହୋରାତ୍ର ଧାରଣା, ଆମରଣ ଅନଶନ ସହ ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନିଆଯିବ ବୋଲି ଚେତାବନୀ ଦିଆଯାଇଛି।

ବୈଠକରେ ରାଜ୍ୟ ଆବାହକ ସଞ୍ଜୟ କୁମାର ହୋତା, ସମ୍ପାଦକ ବିନୋଦ ବିହାରୀ ସାହୁ, ଢେଙ୍କାନାଳ ଶିକ୍ଷକ ମହାସଂଘ ସମ୍ପାଦକ ବିପ୍ରବର ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଯୁଗ୍ମ ସମ୍ପାଦକ ଅଜୟ କୁମାର ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ।

## ଗୁରୁତ୍ୱପୂର୍ଣ୍ଣ ବୈଠକକୁ ଆସୁନାହାନ୍ତି ଅଧିକାରୀ

କାମାକ୍ଷାନଗର, ୧୯।୮ (ସୁଧୀର ପରିଡ଼ା)

**ଅସନ୍ତୋଷ ଝାଡ଼ିଲେ ବିଡିଓ**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ବୈଠକକୁ ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀ ଆସୁନାହାନ୍ତି। ଫଳରେ ସମ୍ପୃକ୍ତ ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା ହୋଇପାରୁନାହିଁ। ଶନିବାର ଅନୁଷ୍ଠିତ ମୋ ବ୍ଲକ ବୈଠକରେ ଏହାକୁ ନେଇ ଅସନ୍ତୋଷ ଝାଡ଼ିଛନ୍ତି ବିଡିଓ ବିକାଶ କୁମାର ମହାନ୍ତି। ଆଗାମୀ ଦିନରେ ଏଥିପ୍ରତି ସଚେତନ ରହିବା ଲାଗି ସେ ପରାମର୍ଶ ଦେଇଛନ୍ତି।

ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ ଉପସ୍ଥିତ ରହି ପଞ୍ଚାୟତର ମୁଖ୍ୟ ସମସ୍ୟାଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଗ୍ରାମ ପରିଦର୍ଶନ କରି ଲୋକଙ୍କ ଅଭିଯୋଗ ଶୁଣିବା, ସମସ୍ୟା ସମାଧାନ ଲାଗି ତ୍ୱରିତ ପଦକ୍ଷେପ ନେବା ଆଦି ବିଷୟରେ ଅତିରିକ୍ତ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ସରକାରୀ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଦିଗରେ ଅଧିକ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଆକାଉଣ୍ଟ ଅଫିସର ଧୀରେନ ନାୟକ, ଏବିଡିଓ ଝରଣା ସାମଲ, ସହକାରୀ ଯନ୍ତ୍ରୀ ରଞ୍ଜିତ ବେହେରା, ଅତିରିକ୍ତ ତହସିଲଦାର ଝସକେତନ ନାୟକ ଉପସ୍ଥିତ ଥିଲେ।




ବୈଠକରେ ଅତିରିକ୍ତ ଜିଲାପାଳ, ବିଡିଓଙ୍କ ସମେତ ଅନ୍ୟମାନେ।

## ୨୪ ଘଣ୍ଟିଆ ଚିକିତ୍ସା ଦାବି

ଅନୁଗୋଳ, ୧୯।୮ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ବଣ୍ଟରପାଳ ବ୍ଲକର ଚାଷୀ ମୂଲିଆ ସଂଗ୍ରାମ କମିଟି ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମରାଡିରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସବୁଦିନିଆ ଡାକ୍ତର ନିଯୁକ୍ତି ସହ ୨୪ ଘଣ୍ଟିଆ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ସେମାନେ ଦାବି କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ବଣ୍ଟରପାଳ ବ୍ଲକର ଡୁବେ, ସାନ୍ତରାପୁର, ବଡ଼ହିଁସର, ଜରଡ଼ା, କଞ୍ଚାରା ପଞ୍ଚାୟତର ଲୋକମାନେ ମରାଡିରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ଏପରି କି ୫୫ନଂ. ଜାତୀୟ ରାଜପଥରେ ଦୁର୍ଘଟଣା ହେଲେ ଏଠାରେ ଗୁରୁତରଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ମିଳୁ ନ ଥିବାରୁ ଜୀବନହାନି ଘଟୁଛି। ତେଣୁ ମରାଡିରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪ ଘଣ୍ଟିଆ ସେବା ଯୋଗାଇ ଦେବାକୁ ଦାବି କରାଯାଇଛି। ବଡ଼ହିଁସର ସରପଞ୍ଚ ହୃଷୀକେଶ ପ୍ରଧାନ, କଞ୍ଚାରା ସରପଞ୍ଚ ଧର୍ମେନ୍ଦ୍ର ପ୍ରଧାନ, ସାନ୍ତରାପୁର(କ) ସରପଞ୍ଚ ନବୀନା ବେହେରା ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଥିଲେ।



ଦାବିପତ୍ର ଦେବାକୁ ଆସିଥିବା ଚାଷୀ ମୂଲିଆ ସଂଗ୍ରାମ କମିଟି କର୍ମକର୍ତ୍ତାମାନେ।

## ଘାଇବନ୍ଧାକୁ କେନ୍ଦ୍ର କରି ମାର୍‌ପିଟ

ଛେଣ୍ଡିପଦା, ୧୯।୮ (ଅଜିତ ଧଳ)

ଜମି ହୁଡ଼ାରେ ଘାଇବନ୍ଧାକୁ କେନ୍ଦ୍ର କରି ଜରପଡା ଥାନା ଓଗୀ ଗ୍ରାମର ବୃନ୍ଦା ହୀରା କଠାରଙ୍କୁ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୨୫୯/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ କହିଛି, ହୀରା ଜମିହୁଡ଼ାରେ ଘାଇ ବନ୍ଧାକୁ ନେଇ ଧ୍ରୁବ କଠାରଙ୍କ ସହିତ ଥାନାର ଦ୍ୱାରସ୍ଥ ହୋଇଥିଲେ। ସେଠାରେ ଉଭୟ ପକ୍ଷଙ୍କ ସହମତିରେ ଏକ ଚୁକ୍ତିନାମା ହୋଇଥିଲା। ଗତ ୧୧ ତାରିଖରେ ଚୁକ୍ତି ଅନୁଯାୟୀ ହୀରା ଜମିହୁଡ଼ାରେ ଘାଇବନ୍ଧାଇବା ପାଇଁ କହିବାକୁ ଧ୍ରୁବଙ୍କ ଘରକୁ ଯାଇଥିଲେ। ହେଲେ ଉତ୍‌କ୍ଷିପ୍ତ ହୋଇ ଧ୍ରୁବ ହୀରାଙ୍କୁ ମାରପିଟ୍ କରିଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି।

## ଭୂମିପୂଜନ ସହ ଚାରା ରୋପଣ

କଣିହାଁ ୧୯।୮ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ବାଲିପଶି ପଞ୍ଚାୟତର କୁଆଝରା ନୂଆଁ ସାହି କୋଠଘର, ଲୋଧାଝରି ନିପାଣିଆ ସାହି କୋଠଘର, ଶଙ୍କରପୁର କୋଠ ଘରର ଭୂମି ପୂଜନ କରାଯାଇଛି। ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ଏହି ଭୂମିପୂଜନ କାର୍ଯ୍ୟ ସମ୍ପାଦିତ କରିଥିଲେ। ଏହାପରେ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ସମସ୍ୟା ସମ୍ପର୍କରେ ଗ୍ରାମବାସୀଙ୍କୁ ପଚାରି ବୁଝିଥିଲେ। ସେହିପରି କାଳିଆଦୁମା ଗ୍ରାମରେ ଚାରାରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲିପଶି ସରପଞ୍ଚ ହାଡିବନ୍ଧୁ ସେଠୀ, ସମିତି ସଭ୍ୟା ସୁଜାତା ନାଏକ, କଣିହାଁ ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ହିମାଚଳ ପଣ୍ଡା, ପାଲଲହଡା ନିର୍ବାଚନ ମଣ୍ଡଳୀର ଯୁବ ବିଜେଡି ସଭାପତି ସୁବାସ ଚନ୍ଦ୍ର ମହାନ୍ତି, କଣିହାଁ ଯୁବ ବିଜେଡି ସଭାପତି ଗଗନ ରାଉତ ପ୍ରମୁଖ ଯୋଗ ଦେଇଥିଲେ।



## ସ୍ୱାମୀ, ଅଧ୍ୟାପିକା ଶାଶୁ ଗିରଫ

**ବୋହୂଙ୍କୁ ହତ୍ୟା ଉଦ୍ୟମ**

ଭୁବନ, ୧୯।୮ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ୧ନଂ. ୱାର୍ଡ ଲତାବିଲ ଅଞ୍ଚଳର ରଶ୍ମିତା ବେହେରାଙ୍କୁ ଯୌତୁକ ନିର୍ଯାତନା ଏବଂ ହତ୍ୟା ଉଦ୍ୟମ ଅଭିଯୋଗରେ ପୋଲିସ ତାଙ୍କ ଶାଶୁ ତଥା ଅଧ୍ୟାପିକା ସୁପ୍ରଭା ଜେନା ଓ ସ୍ୱାମୀ ଖାରବେଳ ଦିଗବିଜୟ ପାତ୍ରଙ୍କୁ ଗିରଫ କରିଛି।



ପୋଲିସ ସୂଚନା ଅନୁଯାୟୀ, ଭାଗୀରଥି ବେହେରାଙ୍କ କନିଷ୍ଠ କନ୍ୟା ରଶ୍ମିତା ୨୦୨୨ ଏପ୍ରିଲ ୧୭ରେ ଜଗତ୍‌ସିଂହପୁର ଉଗ୍ରତାରା କଲୋନୀର ଅକ୍ଷୟ କୁମାର ପାତ୍ରଙ୍କ ପୁଅ ଖାରବେଳଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ତେବେ ବିବାହର ମାସକ ପରେ ଶାଶୁଘରେ ତାଙ୍କ ଉପରେ ଯୌତୁକ ଦାବି କରି ଅକଥନୀୟ ନିର୍ଯାତନା ଆରମ୍ଭ କରାଯାଇଥିଲା। ସ୍ୱାମୀ ନିଶାସକ୍ତ ଅବସ୍ଥାରେ ଆସି ମାଡ଼ ମାରୁଥିଲେ। ୨୦୨୩ ଜୁନ୍ ୫ରେ ଶାଶୁଘରେ ରୋଷେଇ କରୁଥିବାବେଳେ ରୁଟି ପୋଡ଼ିଯାଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସୁପ୍ରଭା ତତଲା ତାୱା ରଶ୍ମିତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଲଗାଇ ଦେଇଥିଲେ। ତାଙ୍କୁ ଜୀବନରୁ ମାରି ଦେବାକୁ ଉଦ୍ୟମ କରିଥିଲେ। ଏ ସମ୍ପର୍କରେ ଜାଣିବା ପରେ ବାପଘର ଲୋକେ ୯ ତାରିଖରେ ରଶ୍ମିତାଙ୍କୁ ଘରକୁ ନେଇଆସିଥିଲେ। ଭୁବନ ଡାକ୍ତରଖାନାରେ ତାଙ୍କର ଚିକିତ୍ସା କରାଇଥିଲେ। ସାମାନ୍ୟ ସୁସ୍ଥ ହେବା ପରେ ରଶ୍ମିତା ଜୁଲାଇ ୧୯ରେ ଭୁବନ ଥାନାରେ ଅଭିଯୋଗ କରିଥିଲେ। ସ୍ୱାମୀ ଖାରବେଳ, ଶାଶୁ ସୁପ୍ରଭା, ଶ୍ୱଶୁର ଅକ୍ଷୟ, ଦିଅର ଶ୍ରୀହର୍ଷ ତାଙ୍କୁ ନିର୍ଯାତନା ଦେଉଥିବା ସେ ଏତଲାରେ ଦର୍ଶାଇଥିଲେ। ଏ ନେଇ ନଂ. ୨୬୯/୨୩ ଅନୁଯାୟୀ ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶରେ ଭୁବନ ପୋଲିସର ଏକ ଟିମ୍ ଜଗତ୍‌ସିଂପୁର ଯାଇ ଶାଶୁ ସୁପ୍ରଭା ଏବଂ ସ୍ୱାମୀ ଖାରବେଳଙ୍କୁ ଗିରଫ କରି ଆଣିଥିଲା। ଶନିବାର ଉଭୟଙ୍କୁ ଭୁବନ ଜେଏମ୍‌ଏଫସି କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ କାମାକ୍ଷାନଗର ଉପକାରାଗାରକୁ ପଠାଇ ଦିଆଯାଇଛି। ଅନ୍ୟମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ସୁପ୍ରଭା ଜଗତସିଂପୁରସ୍ଥିତ ଏସ୍‌ଭିଏମ୍ ମହାବିଦ୍ୟାଳୟରେ ଅଧ୍ୟାପିକା ଭାବେ କାର୍ଯ୍ୟ କରୁଛନ୍ତି।

## ୧୫ ମାସ ହେଲା ବସିନାହିଁ ଆର୍‌କେଏସ୍ ବୈଠକ

**ସମସ୍ୟା ଘେରରେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

ଭୁବନ, ୧୯।୮ (ବିପିନ ବିହାରୀ ସେଠୀ)




ଢେଙ୍କାନାଳ ଜିଲା ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବେ ମାଳମାଳ ସମସ୍ୟା ଦେଇ ଗତି କରୁଛି। ୨ ଶିଳ୍ପ ଜିଲାର ରୋଗୀ ନିର୍ଭର କରୁଥିବା ଏହି ଡାକ୍ତରଖାନାରେ ପାଖାପାଖି ୧୫ ମାସ ହେଲା ରୋଗୀ କଲ୍ୟାଣ ସମିତି (ଆର୍‌କେଏସ୍) ବୈଠକ ବସିନାହିଁ। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗି ରହିଥିବା ସମସ୍ୟା ସମ୍ପର୍କରେ ଆଲୋଚନା ହୋଇପାରୁ ନ ଥିବା ଅଭିଯୋଗ ହେଉଛି।

ଢେଙ୍କାନାଳ ଜିଲାର ଭୁବନ ବ୍ଲକ, ଏନ୍‌ଏସି, ଗଣ୍ଡିଆ ବ୍ଲକ ସମେତ ସୀମାନ୍ତ ଯାଜପୁର ଜିଲାର ରୋଗୀଙ୍କ ପାଇଁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏକଦା ଭରସା ପାଲଟିଥିଲା। ଏବେ ଦୈନିକ ୩୦୦ ରୋଗୀ ଏଠାକୁ ସ୍ୱାସ୍ଥ୍ୟ ସମସ୍ୟା ନେଇ ଆସୁଛନ୍ତି। ହେଲେ ଡାକ୍ତରଖାନାରେ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ଫାଙ୍କା ପଡ଼ିଛି। ପରିଚାଳନାଗତ ଅବ୍ୟବସ୍ଥା ଚରମ ସୀମାରେ ପହଞ୍ଚିଲାଣି। ଏହାକୁ ନେଇ ରୋଗୀ, ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଏସବୁ ଭିତରେ ଯେଉଁ ସମ୍ବେଦନଶୀଳ କଥାଟି ପଦାକୁ ଆସିଛି ତାହା ହେଉଛି ଆର୍‌କେଏସ୍ ବୈଠକକୁ ନେଇ। କାରଣ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ବୁଝିବା କାମ ହେଉଛି ରୋଗୀ କଲ୍ୟାଣ ସମିତିର। ଏହା ମାଧ୍ୟମରେ ସରକାରୀ ଅନୁଦାନ ଅର୍ଥ ବ୍ୟୟବରାଦ ହୋଇଥାଏ। ତେବେ ଶେଷଥର ପାଇଁ ୨୦୨୨ ମେ' ୨୫ରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପ୍ରଶାସନକୁ ଚିଠି କରାଯାଉଥିଲେ ମଧ୍ୟ କମିଟି ଚୟନରେ ବିଳମ୍ବ ହେଉଛି। ନୂତନ କର୍ମକର୍ତ୍ତା ଚୟନରେ ବିଳମ୍ବ ହେଉଥିବାରୁ ଏଭଳି ସମସ୍ୟା ଉପୁଜିଥିବା ଜଣାପଡ଼ିଛି। ଯେଉଁମାନଙ୍କ ନାମ ତାଲିକା ଆସୁଛି, ସେମାନଙ୍କୁ ବାଦ୍‌ଦେବା ପାଇଁ ବାହ୍ୟ ଚାପ ପଡୁଥିବା ଚର୍ଚ୍ଚା ହେଉଛି, ଯାହା ଆର୍‌କେଏସ୍ ଗଠନରେ ଅନ୍ତରାୟ ସାଜିଛି।

ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡ. ରମେଶ କୁମାର ସାହୁ କୁହନ୍ତି, ରୋଗୀକଲ୍ୟାଣ ସମିତି ପାଇଁ କର୍ମକର୍ତ୍ତା ଚୟନରେ ବିଳମ୍ବ କାରଣରୁ ବୈଠକ ହୋଇପାରିନାହିଁ। ୨ ସପ୍ତାହ ମଧ୍ୟରେ ନୂତନ କର୍ମକର୍ତ୍ତା ଚୟନ କରାଯାଇ ଆର୍‌କେଏସ୍ ବୈଠକ ଅନୁଷ୍ଠିତ ହେବ।

### ସାଲାଇନ୍ ନାହିଁ, ରୋଗୀଙ୍କୁ ମିଳୁନି ବେଡଶିଟ୍

ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ୧୫ଦିନ ହେଲା ସାଲାଇନ୍ ଉପଲବ୍ଧ ନ ଥିବାରୁ ରୋଗୀମାନେ ବାହାରୁ କିଣିବାକୁ ବାଧ ହେଉଥିବା ଅଭିଯୋଗ ହେଉଛି। ସେହିପରି ବିଭିନ୍ନ ୱାର୍ଡରେ ଚିକିତ୍ସାଧୀନ ବେଡ୍‌ଶିଟ୍ ଦିଆଯାଉ ନ ଥିବା ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡ. ରମେଶ କୁମାର ସାହୁ କୁହନ୍ତି, ରୋଗୀମାନେ ବେଡ୍‌ଶିଟ୍ ସାଙ୍ଗରେ ଧରି ଚାଲିଯାଉଛନ୍ତି। ତେଣୁ ସମସ୍ୟା ଉପୁଜିଛି। ମୁଖ୍ୟ ଚିକିତ୍ସାଳୟରେ ସାଲାଇନ ମହଜୁଦ୍ ନ ଥିବାରୁ ଅସୁବିଧା ଉପୁଜିଥିଲା। ଏବେ ସ୍ଥିତି ସ୍ୱାଭାବିକ ହୋଇଥିବା ସେ ସୂଚନା ଦେଇଛନ୍ତି।

